ISSN -2583-147X(P), **Vol.- 8, Issue No. IX, December 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଗୁରୁ ତତ୍ତ୍ୱର ଅନନ୍ୟ ନିଦର୍ଶନ : ଯଦୁ-ଅବଧୂତ ସମ୍ବାଦ

## ଡକ୍ଟର ରୁଦ୍ର ପ୍ରସାଦ ମିଶ୍ର

ଭାରତୀୟ ଧର୍ମ, ଦର୍ଶନ ସଂସ୍କୃତି, ପରମ୍ପରା ଓ ଜନଜୀବନରେ ଗୁରୁ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛନ୍ତି । ଗୁରୁ ହିଁ ସବୁକିଛି ବିନାଗୁରୁରେ କୌଣସି କାର୍ଯ୍ୟ ସିଦ୍ଧିଲାଭ ସମ୍ଭବ ନୁହେଁ । ସେଥିପାଇଁ ଭାରତୀୟ ଧର୍ମ, ଦର୍ଶନ ଓ ସଂସ୍କୃତି ପୃଥିବୀରେ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦା ଲାଭ କରିଛି । କେଉଁ ଅନାଦିକାଳରୁ ଗୁରୁଶିଷ୍ୟ ପରମ୍ପରା ଭାରତୀୟ ଜୀବନଧାରାରେ ଅନାହତ ଭାବରେ ପ୍ରବାହିତ ହୋଇ ଆସୁଅଛି । ବିଶେଷ କରି ବୈଦିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଗୁରୁଶିଷ୍ୟର ପବିତ୍ର ସମ୍ପର୍କକୁ ନେଇ ଅନେକ ନୀତି ଉପଦେଶ ସମ୍ବଳିତ ବାଣୀ ଏ ଦେଶରେ ପ୍ରଚଳିତ ହୋଇ ଆସୁଅଛି । ଗୁରୁ ହିଁ ଶିଷ୍ୟକୁ ଯଥାର୍ଥ ମାର୍ଗରେ ଦର୍ଶନ କରାଇ ଆଦର୍ଶ ମୁନଷ୍ୟ ଭାବରେ ଗଢିଥାନ୍ତି । ସେଥିପାଇଁ ଗୁରୁ ସର୍ବତ୍ର ପୂଜ୍ୟ ଓ ବନ୍ଦନୀୟ । ଗୁରୁଙ୍କୁ ଈଶ୍ୱର ବା ପରଂବ୍ରହ୍ମ ସହିତ ତୁଳନା କରାଯାଇଛି ଓ ତାଙ୍କର ମହିମା ଗାନ କରାଯାଇଛି । ମନୁଷ୍ୟ ଜୀବନରେ ପୂର୍ଣ୍ଣତା ପ୍ରାପ୍ତିପାଇଁ ସଦ୍‌ଗୁରୁ ହିଁ ଏକତ୍ର ମାର୍ଗନିର୍ଦ୍ଦେଶକ । ତାଙ୍କ ନିର୍ଦ୍ଦେଶିତ ମାର୍ଗରେ ଗତି କଲେ ମନୁଷ୍ୟ ପରମପଦ ଲାଭ କରି ମୁକ୍ତି ପାଇଥାଏ ।

ଅଧ୍ୟାତ୍ମିକ ବ୍ୟାକରଣରେ ଅନେକ ବାଦ ଆମ ଚକ୍ଷୁ ସମ୍ମୁଖକୁ ଆସେ ଯେପରି ଶୂନ୍ୟବାଦ, ସମ୍ଭୋଗବାଦ, ଦ୍ୱୈତବାଦ, ଏବଂ ଅଦ୍ୱୈତବାଦ । ସେହିପରି ତନ୍ମଧ୍ୟରୁ ଗୁରୁବାଦ ଅନ୍ୟତମ । ଏହିପରି ଏକ ଗୁରୁବାଦ ସର୍ମ୍ପକରେ ଚର୍ଚ୍ଚା କରିଥିଲେ ଷୋଡ଼ଶ ଶତାବ୍ଦୀର ଓଡ଼ିଆ କବି ଅତିବଡ଼ି ଜଗନ୍ନାଥ ଦାସ । କବି ତାଙ୍କର ପରମ ଗ୍ରନ୍ଥ ଭାଗବତ ମାଧ୍ୟମରେ ଏହି ଗୁରୁତତ୍ତ୍ୱକୁ ଅତି ସୁନ୍ଦର ଭାବରେ ଦାର୍ଶନିକ ମୂଲ୍ୟବୋଧ ଭିତ୍ତିରେ ଉପସ୍ଥାପନ କରିଛନ୍ତି । ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ଏକ ପ୍ରେରଣାଦାୟୀ ଗ୍ରନ୍ଥ ଭାବରେ ପ୍ରତିଟି ଓଡ଼ିଆଙ୍କ ହୃଦସିଂହାସନରେ ଆସୀନ । ଏହା ଏକା ଧାରାରେ ମହାକାବ୍ୟ-ପୁରାଣ-ନୀତିଗ୍ରନ୍ଥ ଓ ଭାରତୀୟ ସଂସ୍କୃତି ତଥା ଦର୍ଶନର ଜୀବନ୍ତ ଅଭିଲେଖ । ଏଥିରେ ଯୁକ୍ତକତା ଅଛି । ସାଧାରଣ ଜନଜୀବନରୁ ଉପମା ଓ ରୂପକ ଗ୍ରହଣ କରାଯାଇ ଉପନିଷଦୀୟ ଦର୍ଶନକୁ ଭାଗବତରେ ସରଳ ତଥା ମାର୍ମିକ ଭାବରେ ଉଲ୍ଲେଖ କରାଯାଇଛି କହିଲେ ଭୁଲ ହେବ ନାହିଁ । ବୈଷ୍ଣବ ଧର୍ମର ମୂଳନୀତି ଜୀବେଦୟା ଓ ଭକ୍ତିକୁ ଏଥିରେ ଏପରି ଭାବରେ ଦେଖାଇ ଦିଆଯାଇଛି ଯେ, ତାହା ପାଠକ ହୃଦୟକୁ ସଂକ୍ରମଣ କରିବାରେ ସମର୍ଥ । ସେହିପରି ଏଥିରେ ପରିବେଷିତ ଚରିତ୍ର ଓ ସେମାନଙ୍କର ଚାରିତ୍ରିକ ବିକାଶ ଏପରି ସୌଷ୍ଟବାନ୍ୱିତ ଯେ ପାଠକ ସେହି ଚରିତ୍ରମାନଙ୍କ ରୀତିନୀତିକୁ ନିଜ ଜୀବନରେ କ'ଣ କ'ଣ ଆଚରଣୀୟ ତାହା ସହଜରେ ବୁଝି ପାରିଥାଏ ।

ଅତିବଡ଼ି ଜଗନ୍ନାଥ ଦାସ କୃତ ଶ୍ରୀମଦ୍ ଭାଗବତର ଏକାଦଶ ସ୍କନ୍ଧରେ ଷଡ଼ ସମ୍ବାଦର ବର୍ଣ୍ଣନା କରାଯାଇଛି । ଏଥିରେ ସ୍ରଷ୍ଟା ସକଳ ତତ୍ତ୍ୱକୁ ଷଡ ସମ୍ବାଦ ମଧ୍ୟରେ ପରିବେଷଣା କରିଥିବା ଉଲ୍ଲେଖଯୋଗ୍ୟ । ଏହି ସମ୍ବାଦଗୁଡ଼ିକ ହେଉଛି-'ଶୁକ ପରୀକ୍ଷିତ ସମ୍ବାଦ, ନାରଦ-ବସୁଦେବ ସମ୍ବାଦ, ନିମି-ନବବିପ୍ର ସମ୍ବାଦ, ଅବଧୂତ-ଯଦୁରାଜା ସମ୍ବାଦ, କୃଷ୍ଣ-ଉଦ୍ଧବ ସମ୍ବାଦ ଓ ସୂତ-ସୌନକ ସମ୍ବାଦ । ଏହି ସମ୍ବାଦଗୁଡ଼ିକ ମଧ୍ୟରୁ ନିମି-ନବବିପ୍ର ସମ୍ବାଦ, ଅବଧୂତ-ଯଦୁରାଜା ସମ୍ବାଦ ଓ କୃଷ୍ଣ-ଉଦ୍ଧବ ସମ୍ବାଦ ମଧ୍ୟରେ ସନାତନ ହିନ୍ଦୁଧର୍ମର ସାରତତ୍ତ୍ୱ ସମ୍ପର୍କରେ ଚର୍ଚ୍ଚା କରାଯାଇଛି । ଏହି ସାରତତ୍ତ୍ୱ ମଧ୍ୟରେ ଅବଧୂତ-ଯଦୁରାଜା ସମ୍ବାଦ ମଧ୍ୟରେ ଲୁଚି ରହିଛି ଗୁରୁତତ୍ତ୍ୱରୁ ନିଗୂଢ ରହସ୍ୟ ।

ତତ୍ତ୍ୱଦର୍ଶୀ, ମିଷ୍ଟଭାଷୀ, ନିରୋଗ, କର୍ମଠ, ଧୂଳି ଧୂସରିତ, ଆଶାମୁକ୍ତ, ନିତ୍ୟ ପବିତ୍ର ସାତ୍ତ୍ୱିକ ଲକ୍ଷଣଯୁକ୍ତ ପୁରୁଷ ଅବଧୂତ ପଦବାଚ୍ୟ ବୋଲି ଦତ୍ତାତ୍ରେୟ 'ଅବଧୂତ ଗୀତା'ରେ ଉଲ୍ଲେଖ କରିଛନ୍ତି । ଭାଗବତରେ ଅବଧୂତ ଗୁରୁତତ୍ତ୍ୱ ସମ୍ପର୍କରେ କେତେକ

ଉପଦେଶ ଯଦୁରାଜାଙ୍କୁ ପ୍ରଦାନ କରିଛନ୍ତି । ଶ୍ରୀ କୃଷ୍ଣ ଉଦ୍ଧବଙ୍କୁ ଯେଉଁ ଉପଦେଶ ପ୍ରଦାନ କରିଥିଲେ, ଭାଗବତର ଏକାଦଶ ସ୍କନ୍ଧରେ ତାହା ଯଦୁରାଜା-ଅବଧୂତଙ୍କ ବାର୍ତ୍ତାଳାପ ଛଳରେ ସ୍ଥାନ ପାଇଛି ।

ଆତ୍ମାକୁ ଆତ୍ମାରେ ଲୀନ କରିବାରେ ସମର୍ଥ ସେ ଏହି ଭବ ସଂସାରକୁ ପାର ହୋଇପାରେ । ସାଂସାରିକ ଭାବ ତାକୁ ବିଚଳିତ କରିପାରେ ନାହିଁ, ଅବଧୂତ ସେହିପରି ଜଣେ ନିର୍ଲିପ୍ତ ନିର୍ଗୁଣ ସନ୍ନ୍ୟାସୀ । ଦେହଧାରଣ କରି ମଧ୍ୟ ସେ ଜୀବନ ଭୁକ୍ତ-ସୁଖ ଦୁଃଖ, ରାଗ-ଦ୍ୱେଷେ ଠାରୁ ଉର୍ଦ୍ଧ୍ୱରେ ସେ ରହି ପରମ ସୁଖୀ ହୋଇ ପାରିଛନ୍ତି । ସକଳ ଜୀବ ପ୍ରତି ତାଙ୍କର ଦୟାଭାବ ରହିଛି । ଅବଧୂତ ହିଁ ସଂସାରୀମାନଙ୍କର ପରିବର୍ତ୍ତନ ପାଇଁ ସତେ ଯେମିତି ଅଭିପ୍ରେତ । ଯଦୁ ରାଜାଙ୍କୁ ଚବିଶ ଗୁରୁ ପ୍ରସଙ୍ଗରେ କହି ସେ ତାଙ୍କୁ ନିର୍ଲିପ୍ତ କରାଇପାରିଛନ୍ତି ।

ବ୍ୟାସକୃତ ଭାଗବତ ଅବଲମ୍ବନରେ ଓଡ଼ିଆ ଭାଗବତ ରଚିତ । ଏହା ଷୋଡ଼ଶ ଶତାବ୍ଦୀର ରଚନା ହେଲେହେଁ ଏହାର ସାର୍ବକାଳୀନ ଆବେଦନ ରହିଛି । ଆଧ୍ୟାତ୍ମିକ ମୂଲ୍ୟବୋଧ ଯୋଗୁଁ ଏହା ଲୋକପ୍ରିୟ । ଭାଗବତ ଏକ ଭକ୍ତି ରସାତ୍ମକ ଗ୍ରନ୍ଥ, ଏତିରେ ଜ୍ଞାନ, କର୍ମ ଓ ଯୋଗତତ୍ତ୍ୱର ସୂକ୍ଷ୍ମ ବିଶ୍ଳେଷଣ ଅଛି । ସର୍ବୋପରି ଏହାର ଆମୂଳଚୂଳ ଭକ୍ତିରସର ମନ୍ଦାକିନୀ ପାଠକ ପ୍ରାଣରେ ଅପୂର୍ବ ଆନନ୍ଦ ସଞ୍ଚାର କରିଦିଏ ।

ଯାହାଠାରୁ କିଛି ନା କିଛି ଶିଖାଯାଏ ସେ ଗୁରୁ ପଦବାଚ୍ୟ । ସାଂସାରିକ ବିଦ୍ୟା ଯାହାଠାରୁ ଶିକ୍ଷା କରାଯାଏ ସେ ଶିକ୍ଷା ଗୁରୁ । ଦୁଃଖପୂର୍ଣ୍ଣ ସଂସାରରୁ ମୁକ୍ତିଲାଭ କରି ଈଶ୍ୱର ପ୍ରାପ୍ତିର ଉପାୟ ଯେ ଶିକ୍ଷା ଦିଅନ୍ତି ସେ ଦୀକ୍ଷା ଗୁରୁ । ଏତଦ୍‌ବ୍ୟତୀତ ପ୍ରକୃତି ଠାରୁ ଏବଂ ସାଂସାରିକ ପ୍ରାଣୀମାନଙ୍କ ଗତିବିଧିରୁ ମଧ୍ୟ ଶିକ୍ଷା ଲାଭ କରାଯାଇପାରେ- ଯାହା କି ଭାଗବତର ଏକାଦଶ ସ୍କନ୍ଧରେ ଅବଧୂତ ନାମକ ଜଣେ ସନ୍ନ୍ୟାସୀଙ୍କ ଜୀବନଚର୍ଯ୍ୟାକ୍ରମରେ ଆଲୋଚିତ ହୋଇଛି । କ୍ଷୁଦ୍ର ହୀନ-ହେୟ ତୁଚ୍ଛ ଅପାଙ୍‌କ୍ତେୟ-ପରିତ୍ୟକ୍ତ ଜୀବ ବା ଜଡ଼ ଜଗତରେ କେହି ହେୟ ହୋଇ ନପାରେ, ସମସ୍ତଙ୍କଠାରୁ କିଛି ନା କିଛି ଶିଖିବାକୁ ଅଛି । ତେଣୁ ଅନ୍ତତଃ ପକ୍ଷେ ତାଙ୍କ ଦୃଷ୍ଟିରେ ଜଗତ ଜଗତ ଥିଲା ଗୁରୁମୟ । ଏହି ଗୁରୁମାନେ ଶିଷ୍ୟକୁ କୌଣସି ଆଦର୍ଶ ଶିକ୍ଷା ଦେବାକୁ ନିଜେ ଚେଷ୍ଟା କରି ନାହାନ୍ତି । ଅଥଚ ନିଜ ନିଜ କର୍ମରେ ସେମାନେ ଯାହା ଆଚରଣ କରିଛନ୍ତି ଅବଧୂତ ତାକୁ ଶିକ୍ଷଣୀୟ ମନେକରି ଶିକ୍ଷା କରିଛନ୍ତି ।

ଭାଗବତରେ ଏକାଦଶ ସ୍କନ୍ଧରେ ବର୍ଣ୍ଣିତ ଯଦୁ ଅବଧୂତ ସମ୍ବାଦର ବକ୍ତା ଅବଧୂତ ଓ ପ୍ରଶ୍ନ କର୍ତ୍ତା ଯଦୁରାଜା । ମୁଖ୍ୟତଃ ଏହି ଚରିତ୍ର ଦ୍ୱୟଙ୍କୁ ନେଇ ବିଷୟ ଗତିଶୀଳ । ଅବଶ୍ୟ ଏହା କୃଷ୍ଣ ଉଦ୍ଧବଙ୍କୁ କହିଛନ୍ତି ଏବଂ ଶୁକ ପରୀକ୍ଷିତଙ୍କୁ ମଧ କହିଛନ୍ତି । ଅଭିଶପ୍ତ ପରୀକ୍ଷିତ ଠାରେ ବୈରାଗ୍ୟ ଉଦ୍ରେକ ପାଇଁ ଏହା ଅଭିପ୍ରେତ । ଅବଧୂତ ଓ ଯଦୁରାଜାଙ୍କ ଉକ୍ତି ପ୍ରତ୍ୟୁକ୍ତିକୁ କେନ୍ଦ୍ରକରି ଏହି ପ୍ରସଙ୍ଗ ବର୍ଣ୍ଣିତ ହେଲେ ହେଁ ଅବଧୂତ ଏଥିରେ ମୋଟ ଚବିଶ ଗୋଟି ସଜୀବ ଓ ନିର୍ଜୀବ ଚରିତ୍ରକୁ ଗ୍ରହଣ କରିଛନ୍ତି । ତେଣୁ ଚରିତ୍ରାୟଣରେ ଫୁଟି ଉଠିଛି ମାଧୁର୍ଯ୍ୟ ଭାବ । ଏଥିରେ ଅଛି ପ୍ରସାଦ ଗୁଣ ଓ ମାଧୁର୍ଯ୍ୟ ଗୁଣର ସମାହାର । ଉପର୍ଯ୍ୟୁକ୍ତ ବୈଶିଷ୍ଟ୍ୟ ପାଇଁ ଯଦୁ-ଅବଧୂତ ସମ୍ବାଦ ଦର୍ଶନ ଓ କବିତାର ଏକ ଅପୂର୍ବ ସମନ୍ୱୟ । ଜୀବ ହିଁ ବ୍ରହ୍ମ । ନର ହିଁ ନାରାୟଣ । ଏହା ଯଦୁ-ଅବଧୂତ ସମ୍ବାଦରେ ଲୁଚି ରହିଥିବା ଗୁରୁତତ୍ତ୍ୱକୁ ବୟାନ କରେ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଅତିବଡ଼ି ଜଗନ୍ନାଥ ଦାସ - ଶ୍ରୀ ସଦାଶିବ ମିଶ୍ର, ବିଶ୍ୱ ବୁକ୍‌ସ୍, କଟକ

୨. ଓଡ଼ିଆ ବୈଷ୍ଣବ ସାହିତ୍ୟ - ଡକ୍ଟର ନଟବର ସାମନ୍ତରାୟ, ଗ୍ରନ୍ଥାଳୟ, ଭୁବନେଶ୍ୱର

୩. ତିନୋଟି ସମାଲୋଚନା- ପ୍ରଫେସର ବାଉରୀବନ୍ଧୁ କର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୪. ଭାଗବତ (ଏକାଦଶ ସ୍କନ୍ଧ)- ଜଗନ୍ନାଥ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

୫. ଭାଗବତର ସୃଷ୍ଟି ସୌରଭ - ଡକ୍ଟର ଉଦୟନାଥ ସାହୁ, ଏଥେନା ବୁକ୍‌ସ, ଭୁବନେଶ୍ୱର

୬. ସମାଲୋଚନା ସୌରଭ - ଡକ୍ଟର କୃତ୍ତିବାସ ଷଡଙ୍ଗୀ, କୁନି ରାଇଜ୍ ପ୍ରେସ୍, ଭୁବନେଶ୍ୱର



କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ

ସଦାଶିବ ପରିସର, ପୁରୀ